## ସଂକ୍ଷେପରେ

### ଡିକି ଭାଙ୍ଗି ଟଙ୍କା ଲୁଟ୍

ବଇଣ୍ଡା, ୧୩।୩(ଡି.ଏନ.ଏ.)- କିଶୋରନଗର ବ୍ଲକ ଅଙ୍ଗପଡାଠାରେ ମଙ୍ଗଳବାର ଅପରାହ୍ଣରେ ଅଙ୍ଗପଡା ଆଞ୍ଚଳିକ ମହାବିଦ୍ୟାଳୟର ଅଧ୍ୟାପକ ବିଭୁଦେନ୍ଦ୍ର ସାହୁଙ୍କ ବାଇକ୍ ଡିକିରୁ ୩୪ ହଜାର ଟଙ୍କା ଲୁଟ୍ ହୋଇଥିବା ଜଣାପଡିଛି। ବିଭୁଦେନ୍ଦ୍ର ବଇଣ୍ଡାସ୍ଥିତ ଅନୁଗୋଳ ସମବାୟ ବ୍ୟାଙ୍କରୁ ଧାନ ବିକ୍ରି ଟଙ୍କା ୩୪ ହଜାର ଉଠାଇ ଡିକିରେ ରଖି ଘରକୁ ଯାଉଥିଲେ। ଅଙ୍ଗପଡାସ୍ଥିତ ତାଙ୍କ ସମ୍ପର୍କୀୟଙ୍କ ଘରକୁ ବୁଲିବାକୁ ଯାଇଥିବାବେଳେ କେହି ଦୁର୍ବୃତ୍ତ ଡିକି ଭାଙ୍ଗି ଟଙ୍କା ନେଇଯାଇଥିବା ଜଣାପଡିଛି। ତେବେ ଏ ସମ୍ପର୍କରେ କିଶୋରନଗର ଥାନାରେ କୌଣସି ଅଭିଯୋଗ ହୋଇନାହିଁ।

### ସଂଗ୍ରାମ ପୃଷ୍ଟିଙ୍କୁ ସାହିତ୍ୟ ସମ୍ମାନ



ବଇଣ୍ଡା, ୧୩।୩(ଡି.ଏନ.ଏ.)- କିଶୋରନଗର ବ୍ଲକର ଶିଶୁ ସାହିତ୍ୟିକ ସଂଗ୍ରାମ କେଶରୀ ପୃଷ୍ଟିଙ୍କୁ ନୀହାର କନ୍ୟା ଶିଶୁ ସାହିତ୍ୟ ସମ୍ମାନ-୨୦୧୯ରେ ସମ୍ମାନିତ କରାଯାଇଛି। ରବିବାର ବାଲେଶ୍ୱର ଜିଲା ସୋର ବ୍ଲକ ନୂଆଗାଁଠାରେ ଅନୁଗୋଳର ଏକବିଂଶତମ ସ୍ୱନକ୍ଷତ୍ର ଉତ୍ସବ ପାଳନ ଅବସରରେ ତାଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି। ଉତ୍ସବରେ ମୁଖ୍ୟଅତିଥି ଭାବେ କବୟିତ୍ରୀ ମମତା ଦାସ ଓ ମୁଖ୍ୟବକ୍ତା କବି ପୀତାମ୍ବର ତରେଇ ପ୍ରମୁଖ ଯୋଗଦେଇ ପୃଷ୍ଟିଙ୍କୁ ଉପଢୌକନ, ଫଳକ ଓ ମାନପତ୍ର ପ୍ରଦାନ କରିଥିଲେ। ସାହିତ୍ୟର ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠା ଅର୍ଜନ କରିଥିବା ବ୍ୟକ୍ତିବିଶେଷଙ୍କୁ ସମ୍ମାନିତ କରାଯିବା ଅବସରରେ ଶିଶୁ ସାହିତ୍ୟ ନିମନ୍ତେ ପ୍ରଥମ ଥର ପାଇଁ ଉକ୍ତ ସମ୍ମାନ ପ୍ରଦାନ କରାଯାଇଛି।

### ଅଗ୍ନିବିପନ୍ନଙ୍କୁ ରିଲିଫ ବଣ୍ଟନ

ବଇଣ୍ଡା, ୧୩।୩(ଡି.ଏନ.ଏ.)- କିଶୋରନଗର ବ୍ଲକ ଝରାବେରେଣୀ ପଞ୍ଚାୟତ ବବର୍ତ୍ତିପାଲି ଗ୍ରାମରେ ଘଟିଥିବା ଅଗ୍ନିକାଣ୍ଡର ବିପନ୍ନ ପରିବାରକୁ ବୁଧବାର ରିଲିଫ ବଣ୍ଟନ କରାଯାଇଛି। ଆଠମଲ୍ଲିକ ବିଧାୟକ ସଞ୍ଜୀବ ସାହୁ ବିପନ୍ନଙ୍କୁ ଭେଟି ଚାଉଳ, ଚିନି, ଚୁଡା ଆଦି ବାଣ୍ଟିଥିଲେ। ଖୋଲା ଆକାଶ ତଳେ ଥିବା ପରିବାରକୁ ଅଧିକ ସରକାରୀ ସହାୟତା ଯୋଗାଇଦେବାକୁ ପ୍ରଶାସନକୁ ଅବଗତ କରାଯିବ ବୋଲି ସେ କହିଛନ୍ତି। ବ୍ଲକ ବିଜେଡି ସଭାପତି ପ୍ରବୋଧ ବେହେରା, ବିଧାୟକଙ୍କ ପ୍ରତିନିଧି ସନ୍ତୋଷ କୁମାର ପ୍ରଧାନ, ବ୍ଲକ ଉପାଧ୍ୟକ୍ଷ ସୁନୀଲ କୁମାର ପ୍ରଧାନ, ଜେନାମଣି ପ୍ରଧାନ, ରଞ୍ଜନ ବିଶ୍ୱାଳ, ଦୁର୍ଯ୍ୟୋଧନ ପ୍ରଧାନ, ଗଜେନ୍ଦ୍ର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

### ଅଟୋ-ଟାଟାଏସିଇ ଧକ୍କା, ମହିଳା ମୃତ

କଣିହାଁ, ୧୩।୩(ଡି.ଏନ.ଏ.)- ଅନୁଗୋଳ ଜିଲା କଣିହାଁ ବ୍ଲକ ଝରାବେରେଣୀ ଗ୍ରାମ ନିକଟ ୫୩ ନମ୍ବର ଜାତୀୟ ରାଜପଥରେ ବୁଧବାର ଅପରାହ୍ଣରେ ଏକ ଅଟୋ ଓ ଟାଟା ଏସିଇ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଛି। ଘଟଣାସ୍ଥଳରେ କଣିହାଁ ଥାନା ଗୋଲଣ୍ଡ ଗ୍ରାମର ମମତା ସାମଲଙ୍କ ମୃତ୍ୟୁ ଘଟିଥିବାବେଳେ ୫ ଜଣ ଆହତ ହୋଇଛନ୍ତି। ଆହତଙ୍କୁ କଣିହାଁ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ହାଡିଆଣି ସାମଲଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଅନ୍ୟତ୍ର ସ୍ଥାନାନ୍ତର କରାଯାଇଛି। ଜରଡା ପଞ୍ଚାୟତ ଗୋଲଣ୍ଡ ଗ୍ରାମର ଲୋକେ ରେଙ୍ଗାଲି ଥାନା ଅଞ୍ଚଳକୁ ଗୃହ ପ୍ରତିଷ୍ଠା କାର୍ଯ୍ୟକ୍ରମରେ ଯୋଗଦେବାକୁ ଯାଉଥିବାବେଳେ ଦୁର୍ଘଟଣା ଘଟିଥିବା ଜଣାପଡିଛି। ଦୁର୍ଘଟଣା ପରେ ସେଠାରେ ଉତ୍ତେଜନା ଦେଖାଦେଇଥିଲା। ସ୍ଥାନୀୟ ଲୋକେ କ୍ଷତିପୂରଣ ଦାବିରେ ଆନ୍ଦୋଳନ କରିଥିଲେ। ବୁଝାଶୁଝା କରିବା ପରେ ଆନ୍ଦୋଳନ ହଟିଥିବା ପୋଲିସ ସୂତ୍ରରୁ ପ୍ରକାଶ।

### ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ

ବଣ୍ଟାଁରପାଳ, ୧୩।୩(ଡି.ଏନ.ଏ.)- ନାଲ୍କୋ କଲୋନୀ ପରିସରରେ ବୁଧବାର ସନ୍ଧ୍ୟାରେ ଜଣେ ମହିଳାଙ୍କ ସନ୍ଦେହଜନକ ଭାବେ ମୃତ୍ୟୁ ଘଟିଛି। ପଡୋଶୀଙ୍କ କହିବା ମୁତାବକ, ସେ ନାଲ୍କୋ କ୍ୱାର୍ଟର୍ସରେ ଏକା ଥିଲେ। ସନ୍ଧ୍ୟାରେ ତାଙ୍କୁ ପଡୋଶୀମାନେ ଡାକିଥିଲେ ମଧ୍ୟ ସେ କବାଟ ଖୋଲି ନ ଥିଲେ। ପରେ କବାଟ ତାଡ଼ି ମହିଳା ଜଣଙ୍କୁ ନାଲ୍କୋ ଡାକ୍ତରଖାନା ଆଣିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚିଛି। ମହିଳା ଜଣକ ଆତ୍ମହତ୍ୟା କରିଥାଇପାରନ୍ତି ବୋଲି ସନ୍ଦେହ କରାଯାଉଛି।

## ■ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟ

# ଭଙ୍ଗା ପଡ଼ିଛି ଷ୍ଟ୍ରେଚର, ଲିଫ୍ଟ ଅଚଳ

**ଅନୁଗୋଳ ଅଫିସ, ୧୩।୩**

- ■ରୋଗୀଙ୍କୁ ଟେକି ଟେକି ନେଉଛନ୍ତି ସମ୍ପର୍କୀୟ
- ■ହ୍ୱିଲ ଚେୟାରରେ ନେବାକୁ କର୍ମଚାରୀ ନାହାନ୍ତି
- ■ସିଡିଏମ୍ଓ କହିଲେ ତଥ୍ୟ ନାହିଁ

ରୋଗୀଙ୍କୁ ମିଳିବ ଉତ୍ତମ ସ୍ୱାସ୍ଥ୍ୟସେବା। ଏଥିପାଇଁ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟର ଭିତ୍ତିଭୂମିକୁ ସୁଦୃଢ଼ କରାଯାଇଛି। ଚକାଚକ୍ କୋଠା ନିର୍ମାଣ ସହ ବିଭିନ୍ନ ଯନ୍ତ୍ରାଂଶ ବାବଦରେ କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଇଛି। କିନ୍ତୁ କର୍ତ୍ତୃପକ୍ଷଙ୍କ ଦାୟିତ୍ୱହୀନତାରୁ ଏଠାରେ ରୋଗୀଙ୍କୁ ସାମାନ୍ୟତମ ଷ୍ଟ୍ରେଚର, ହ୍ୱିଲ୍ ଚେୟାର ଓ ଲିଫ୍ଟ ସୁବିଧା ମିଳିପାରୁ ନ ଥିବା ଅଭିଯୋଗ ହେଉଛି। ଚିକିତ୍ସାଳୟକୁ ଆସୁଥିବା ଗୁରୁତର ରୋଗୀଙ୍କୁ ଗାଡ଼ିରୁ କାଜୁଆଲ୍ଟିକୁ ନେବା ପାଇଁ ମଧ୍ୟ ଏଠାରେ ଭଲ ଷ୍ଟ୍ରେଚରଟିଏ ନାହିଁ। ଯାହା ଥିଲା ତାହା ଭଙ୍ଗା ଦଦରା ହୋଇ ପଡ଼ିରହିଛି। ସେହିପରି ହ୍ୱିଲ ଚେୟାର ଥିଲେ ବି ତାହା କେଉଁଠାରେ ରଖାଯାଉଛି କାହାକୁ ଜଣାନାହିଁ। ଏପରି କି ଷ୍ଟ୍ରେଚର ଓ ହ୍ୱିଲ ଚେୟାରରେ ରୋଗୀଙ୍କୁ ନେବାକୁ କେହି କର୍ମଚାରୀ ନାହାନ୍ତି। ଫଳରେ ଅନେକ ସମୟରେ ସମ୍ପର୍କୀୟମାନେ ହିଁ ରୋଗୀଙ୍କୁ ଟେକି ଟେକି କାଜୁଆଲ୍ଟିକୁ ନେଉଛନ୍ତି। ସେହିପରି ସ୍ତ୍ରୀ ଓ ପ୍ରସୂତି ବିଭାଗରେ ଲିଫ୍ଟ ଥିଲେ ମଧ୍ୟ ତାହା କାର୍ଯ୍ୟରେ ଆସୁ ନ ଥିବାରୁ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି।






ଭଙ୍ଗା ଦଦରା ଅବସ୍ଥାରେ ଥିବା ଷ୍ଟ୍ରେଚର।

ଅନୁଗୋଳ ମେଡିକାଲକୁ ଜିଲା ତଥା ଜିଲା ବାହାରୁ ଦୈନିକ ଶତାଧିକ ରୋଗୀ ଆସିଥାନ୍ତି। ଏମାନଙ୍କ ମଧ୍ୟରୁ ଅନେକେ ହେଉଛନ୍ତି ଦୁର୍ଘଟଣାର ଗୁରୁତର ଓ ଆହତ। ଏଠାରେ ୪୦୦ ରୋଗୀଙ୍କୁ ସେବା ଯୋଗାଇ ଦେବାଭଳି ଭିତ୍ତିଭୂମି ରହିଛି। ଏହାବାଦ୍ ବେଳେ ବେଳେ ୪୦ରୁ ୫୦ ଅଧିକ ରୋଗୀ ମଧ୍ୟ ଚିକିତ୍ସା ପାଇଁ ଆସିଥାନ୍ତି। କିନ୍ତୁ ଗୁରୁତର ଅବସ୍ଥାରେ ଆସୁଥିବା ରୋଗୀ ଏଠାରେ ବେଶି ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଗାଡ଼ିରୁ କାଜୁଆଲଟିକୁ ନେବାକୁ ମେଡିକାଲରେ ଥିବା ତିନୋଟି ଷ୍ଟ୍ରେଚର କୌଣସି କାର୍ଯ୍ୟରେ ଆସିବା ଅବସ୍ଥାରେ ନାହିଁ। ଗୋଟିଏ ଏକ କୋଣରେ ପଡ଼ିଥିବାବେଳେ ଆଉ ଦୁଇଟି ଭଙ୍ଗା ଅବସ୍ଥାରେ ରହିଛି। ଏହି ଦୁଇଟି କାମଚଳା ଷ୍ଟ୍ରେଚର ବୋହିବା ପାଇଁ କର୍ମଚାରୀ ନାହାନ୍ତି। ସେହିପରି କାଜୁଆଲଟିରେ ୪ଟି ହ୍ୱିଲଚେୟାର ଥିବା କୁହାଯାଉଛି। କିନ୍ତୁ ରୋଗୀ ନେବା ବେଳେ କେହି ତାହା ଖୋଜି ପାଉ ନ ଥିବା ଅଭିଯୋଗ ହେଉଛି। ଏପରି ପରିସ୍ଥିତିରେ ରୋଗୀଙ୍କ ସମ୍ପର୍କୀୟମାନେ କାଜୁଆଲଟି ଓ ୱାର୍ଡକୁ ରୋଗୀଙ୍କୁ ନେବାକୁ ବଡ଼ ଦହଗଞ୍ଜ ହେଉଛନ୍ତି। ସ୍ତ୍ରୀ ଓ ପ୍ରସୂତି ବିଭାଗରେ ଦୁଇଟି ଲିଫ୍ଟ ମଧ୍ୟରୁ ଗୋଟିଏ ବାରମ୍ବାର ଖରାପ ହେଉଥିଲେ ହେଁ ସ୍ଥାୟୀ ପ୍ରତିକାର କରାଯାଉ ନାହିଁ। ମେଡିକାଲ କର୍ତ୍ତୃପକ୍ଷ କେବଳ ଲୋକ ଦେଖାଣିଆ ଭାବେ ବେଳେ ବେଳେ ମରାମତି କରୁଥିବା ସାମାଜିକ କର୍ମୀ ପ୍ରତାପ ମହାପାତ୍ର ଅଭିଯୋଗ କରିଛନ୍ତି।

ଏ ସମ୍ପର୍କରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଅମରେନ୍ଦ୍ରନାଥ ମହାନ୍ତି କହିଛନ୍ତି, ମୋ ନିକଟରେ କୌଣସି ତଥ୍ୟ ନାହିଁ, ଏଡିଏମ୍ଓଙ୍କ ସହ ଯୋଗାଯୋଗ କରନ୍ତୁ। ଏଡିଏମ୍ଓ ଛୁଟିରେ ଥିବାରୁ ଦାୟିତ୍ୱରେ ଥିବା ଶିଶୁବିଭାଗ ଡାକ୍ତର ପ୍ରତାପ କୁମାର ବେହେରା କହିଛନ୍ତି, ଏଡିଏମ୍ଓ ଆସିବା ପରେ ତାଙ୍କୁ ଅବଗତ କରାଯିବ।

## ସେଲ୍ଫି କର୍ଣ୍ଣର



@ ଅଖିଳବନ୍ଧୁ



@ ଡି କେ ପୃଷ୍ଟି

ସେଲ୍ଫି ଉଠାନ୍ତୁ ଆମପାଖକୁ ପଠାନ୍ତୁ | dklselfie@gmail.com (ବଛା ବଛା ସେଲ୍ଫି ପ୍ରକାଶ ପାଇବ)

## ■ପୂରଣ ହେଲା ଦୀର୍ଘବର୍ଷର ଦାବି

# ଏନ୍ଏସି ହାଇସ୍କୁଲକୁ ସରକାରୀ ମାନ୍ୟତା

**ଅନୁଗୋଳ ଅଫିସ, ୧୩।୩**

ଅନୁଗୋଳ ଏନ୍ଏସି ହାଇସ୍କୁଲକୁ ମିଳିଛି ସରକାରୀ ମାନ୍ୟତା। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଏହି ସ୍କୁଲକୁ ହାତକୁ ନେଇଥିବା ଗତ ୨ ତାରିଖରେ ରାଜ୍ୟ ନଗର ଉନ୍ନୟନ ବିଭାଗ ପକ୍ଷରୁ ବିଜ୍ଞପ୍ତି (ଚିଠି ସଂଖ୍ୟା ୪୯୪୯) ଜାରି କରାଯାଇଛି। ଏନ୍ଏସି ହାଇସ୍କୁଲ ସରକାରୀ ମାନ୍ୟତା ପାଇବା ପରେ ତାମଡା ଅଧ୍ୟକ୍ଷ ଶକ୍ତିପ୍ରସାଦ ପଟ୍ଟନାୟକ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ କୃତଜ୍ଞତା ଜଣାଇଛନ୍ତି। ସମସ୍ତ ଗରିବ ମେଧାବୀ ଛାତ୍ରୀଛାତ୍ର ଏଣିକି ଏହି ସ୍କୁଲରୁ ସବୁ ପ୍ରକାର ସୁବିଧା ପାଇପାରିବେ ବୋଲି ପଟ୍ଟନାୟକ କହିଛନ୍ତି। ସୂଚନାଯୋଗ୍ୟ, ୧୯୯୩ରେ ଅନୁଗୋଳ ଏନ୍ଏସି ହାଇସ୍କୁଲ ପ୍ରତିଷ୍ଠା ହୋଇଥିଲା। ଗରିବ ପିଲାଙ୍କ ଶିକ୍ଷାକୁ ଦୃଷ୍ଟିରେ ରଖି ତତ୍କାଳୀନ ନଗରପାଳ ଶକ୍ତିପ୍ରସାଦ ପଟ୍ଟନାୟକ ଉକ୍ତ ସ୍କୁଲ ପ୍ରତିଷ୍ଠା କରିଥିଲେ। ଏହାପରେ ଉକ୍ତ ସ୍କୁଲକୁ ସରକାରୀ ତାଲିକାଭୁକ୍ତ କରିବା ପାଇଁ ଜୋରଦାର ଦାବି କରାଯାଇଥିଲା। ଏବେ ସେହି ଦାବି ପୂରଣ ହୋଇଥିବାରୁ ଗରିବ ମେଧାବୀମାନେ ଉପକୃତ ହେବେ ବୋଲି ସେ ଆଶାବ୍ୟକ୍ତ କରିଛନ୍ତି। ଏନ୍ଏସି ସ୍କୁଲ ପ୍ରଧାନଶିକ୍ଷୟିତ୍ରୀ ଜୟନ୍ତୀ ଅଳକାନନ୍ଦା କହିଛନ୍ତି, ବିଦ୍ୟାଳୟରେ ପୂର୍ବରୁ ଉତ୍ତମ ଶୈକ୍ଷିକ ବାତାବରଣ ଥିଲା। ସରକାରୀ ମାନ୍ୟତା ପରେ ଶିକ୍ଷକମାନେ ଅଧିକ ଯତ୍ନବାନ ହେବେ।

## ସି-ଭିଜିଲ ଆପ୍‌ରେ ନକଲି ଫଟୋ

**ଅନୁଗୋଳ ଅଫିସ, ୧୩।୩**

ସାଧାରଣ ନିର୍ବାଚନ ପାଇଁ ଲାଗୁ ହୋଇଥିବା ଆଚରଣବିଧି ଉପରେ ନଜର ରଖିବା ଲାଗି ଅନୁଗୋଳ ଜିଲାରେ ୧୫ଟି ଫ୍ଲାଇଂ ସ୍କ୍ୱାଡ୍ ବୁଲୁଛି। ସେଥିରୁ ଅନୁଗୋଳ ନିର୍ବାଚନ ମଣ୍ଡଳୀରେ ୩ଟି ଟିମ୍ ବୁଲୁଥିବା ପ୍ରଶାସନ ପକ୍ଷରୁ ସୂଚନା ମିଳିଛି। ବୁଧବାର ଫ୍ଲାଇଂ ସ୍କ୍ୱାଡ୍ ପାଖରେ ଥିବା ସି-ଭିଜିଲ ଆପ୍ ସମ୍ପର୍କରେ ଏକ ଚୂଡ଼ାନ୍ତ କର୍ମଶାଳା ଜିଲା କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ହୋଇଥିଲା। ଏହି ସମୟରେ ଆଚାର ସଂହିତା ବା ଆଦର୍ଶ ଆଚରଣବିଧି ଉଲ୍ଲଂଘନ ସଂକ୍ରାନ୍ତୀୟ ଅମଲାପଡ଼ାରୁ ଏକ ଫଟୋ ଆପ୍‌ରେ ଅପ୍‌ଲୋଡ ହୋଇଥିଲା। ତୁରନ୍ତ ଅନୁଗୋଳ ନିର୍ବାଚନ ମଣ୍ଡଳୀରେ ଥିବା ୧ ନଂ ଫ୍ଲାଇଂ ସ୍କ୍ୱାଡ୍ ନିକଟକୁ ଜିଲା ପ୍ରଶାସନ କାର୍ଯ୍ୟାଳୟରୁ ଉକ୍ତ ଫଟୋ ପଠାଯାଇଥିଲା। ତେବେ ତଦନ୍ତ ବେଳେ ଫଟୋଟି ନକଲି ବୋଲି ଜଣାପଡ଼ିଥିଲା।

# ଜେଏସ୍‌ପିଏଲ୍ ପ୍ରତିବଦ୍ଧତାକୁ ପ୍ରଶଂସା

**ଅନୁଗୋଳ ଅଫିସ, ୧୩।୩**

ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର ଲିମିଟେଡ(ଜେଏସ୍‌ପିଏଲ୍) ପକ୍ଷରୁ ପାଳିତ ହେଉଥିବା ଜାତୀୟ ସୁରକ୍ଷା ସପ୍ତାହ ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଫ୍ୟାକ୍ଟ୍ରି ଆଣ୍ଡ ବଏଲର୍ସ ଆସିଷ୍ଟାଣ୍ଟ ଡାଇରେକ୍ଟର ଉମାକାନ୍ତ ସାମନ୍ତରାୟ ଯୋଗ ଦେଇଥିବାବେଳେ ଚିଫ୍ ଅପରେଟିଂ ଅଫିସର ପଙ୍କଜ ଗୌତମ, ଏକଜିକ୍ୟୁଟିଭ୍ ଡାଇରେକ୍ଟର ସୁରେଶ କୁମାର ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଏହି ଅବସରରେ କର୍ମଚାରୀ, ଶ୍ରମିକଙ୍କ ପାଇଁ ଅନେକ ସଚେତନତା କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଜିନ୍ଦଲକୁ ଦୁର୍ଘଟଣା ଶୂନ୍ୟ କରାଯିବାକୁ ବିଶ୍ୱସ୍ତରୀୟ ସୁରକ୍ଷା ମାନଦଣ୍ଡ ଅନୁସରଣ କରାଯାଉଛି ବୋଲି ଚିଫ୍ ଅପରେଟିଂ ଅଫିସର ଗୌତମ ମତବ୍ୟକ୍ତ କରିଥିଲେ।



ଆୟୋଜିତ ସଚେତନତା କାର୍ଯ୍ୟକ୍ରମକୁ ଅଧିକାରୀମାନେ ବୁଲି ଦେଖୁଛନ୍ତି।

ସେହିପରି କର୍ମଚାରୀମାନଙ୍କ ସ୍ୱାସ୍ଥ୍ୟ, ସୁରକ୍ଷା ଓ ମଙ୍ଗଳ ପାଇଁ ମ୍ୟାନେଜମେଣ୍ଟର ପ୍ରତିବଦ୍ଧତାକୁ ଏକଜିକ୍ୟୁଟିଭ୍ ଡାଇରେକ୍ଟର ସୁରେଶ କୁମାର ପ୍ରଶଂସା କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ଅଧିକାରୀ ରବିକାନ୍ତ ସୋମାନୀ, ଯୋଗେଶ ପଟେଲ, ଅରବିନ୍ଦ ଭଗତ, ଅତୁଲ ଦୁବେ, ଗୌତମ ସିହ୍ନା, ନରସିଂହମ୍, ଆଲୋକ ମହାପାତ୍ର, ସୁବାସ ଜେନ୍, ଆଶିଷ ପାଣ୍ଡେ, ବି.ଏନ୍.ସ୍ୱାଇଁ, ନବୀନ ଗୌତମ, ପ୍ରଦୀପ କୁମାର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

# ୨ ବଖରା ଜଳିଗଲା



ଜଳି ଯାଇଥିବା ଘର।

**ଛେଣ୍ଡିପଦା, ୧୩।୩ (ସ୍ୱ.ପ୍ର.)**

ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକ ବରପଦା ଗ୍ରାମର ହରିଜନ ସାହିରେ ବୁଧବାର ଅଗ୍ନିକାଣ୍ଡ ଘଟି ବସନ୍ତ ନାଏକଙ୍କ ୨ ବଖରା ସମ୍ପୂର୍ଣ୍ଣ ଜଳିଯାଇଛି। ଖବରପାଇ ଛେଣ୍ଡିପଦା ଦମକଳ ବାହିନୀ ଓ ଗ୍ରାମବାସୀ ନିଆଁକୁ ଆୟତ୍ତ କରିଥିଲେ। ଏଥିରେ ୭୦ହଜାରରୁ ଊର୍ଦ୍ଧ୍ୱ ଟଙ୍କାର ସମ୍ପତ୍ତି ପୋଡି ଯାଇଥିବା ଅଗ୍ନିଶମ ବିଭାଗ ପ୍ରାଥମିକ ତଦନ୍ତରୁ ଆକଳନ କରିଥିବା ଜଣାପଡିଛି। ରାଇଝରଣ ରାଜସ୍ୱ ନିରୀକ୍ଷକ ଘଟଣାସ୍ଥଳରେ ପହଞ୍ଚି କ୍ଷୟକ୍ଷତି ଆକଳନ କରିବା ସହ ଆବଶ୍ୟକ ସହାୟତା ପ୍ରଦାନ କରାଯିବାକୁ ପ୍ରତିଶ୍ରୁତି ଦେଇଛନ୍ତି।

## ନୂତନ କାର୍ଯ୍ୟାଳୟ ଉଦ୍‌ଘାଟିତ

**ମାଧପୁର, ୧୩।୩**

ଆଠମଲ୍ଲିକ ବ୍ଲକ ମାଧପୁର ମଣ୍ଡଳ ଭାଜପା ତରଫରୁ ବୁଧବାର ବିଜୟ ସଂକଳ୍ପ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମାଧପୁର ହାଟ ପଡିଆରେ ଦଳୀୟ କାର୍ଯ୍ୟାଳୟ ଉଦ୍‌ଘାଟନ କରାଯାଇଛି। କାର୍ଯ୍ୟକ୍ରମରେ ଅନୁଗୋଳ ଜିଲା ସଭାପତି ଭାଗୀରଥି ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ରାଜ୍ୟ କୃଷକ ମୋର୍ଚ୍ଚା ସଦସ୍ୟ ଅଜିତ ପ୍ରଧାନ, ଜିଲା ସମ୍ପାଦକ ଚିତ୍ତରଞ୍ଜନ ମେହେର, ଅମ୍ବିକା ଦେହୁରୀ, ରମେଶ ପ୍ରଧାନ, ସୌମରଞ୍ଜନ ମହାନ୍ତି, ଜନ୍ମେଶ୍ୱର ନାୟକ, ପରଞ୍ଜୁ ଡାଙ୍ଗ, ଜୟାନନ୍ଦ ପ୍ରଧାନ, ତ୍ରିଲୋଚନ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

## ଫଟୋରେ ଖବର



ଅନୁଗୋଳ ସହରରେ ବୁଧବାର ଟ୍ୟାଙ୍କର ପାଣିରେ ଗାଧୋଉଥିବା ଦୁଇ ଶିଶୁ। (ଫଟୋ-ବୁବୁ)

# ହିଙ୍ଗୁଳା, ବାଟ ମଙ୍ଗଳାଙ୍କ ଲେଉଟାଣି ଉତ୍ସବ

**କଣିହାଁ, ୧୩।୩ (ଡି.ଏନ୍.ଏ)**



କଣିହାଁ ବ୍ଲକ ରେଙ୍ଗାଳି ପ୍ରକଳ୍ପ ଓସିସି କଲୋନୀ ନିକଟସ୍ଥ ବାବା ଆଖଣ୍ଡଳମଣି ମନ୍ଦିରରେ ତାଳଚେରର ଅଧିଷ୍ଠାତ୍ରୀ ଦେବୀ ମା' ହିଙ୍ଗୁଳା ଓ ପ୍ରକଳ୍ପ ମଧ୍ୟସ୍ଥ ମା' ବାଟମଙ୍ଗଳାଙ୍କ ଲେଉଟାଣି ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ମନ୍ଦିରରେ ପ୍ରତ୍ୟୁଷରେ ପୂଜାର୍ଚ୍ଚନା ପରେ ଶିବରାତ୍ରିରେ ବାପଘର ଆଖଣ୍ଡଳମଣି ମନ୍ଦିରକୁ ଆମନ୍ତ୍ରିତ ହୋଇ ଆସିଥିବା ଦୁଇ ଦେବୀଙ୍କ ଲେଉଟାଣି ଉତ୍ସବ ଅନୁଷ୍ଠିତ ହୋଇଥିଲା। ମନ୍ଦିରର ମୁଖ୍ୟ ସେବକ ଆକୁଳ ପଣ୍ଡାଙ୍କ ପୌରୋହିତ୍ୟରେ ଦୁଇ ଦେବୀଙ୍କୁ ବିଦାୟ ଦିଆଯାଇଥିଲା। ୨୯ ବର୍ଷ ପୂର୍ତ୍ତି ଅବସରରେ ମୁଖ୍ୟସେବକ ପଣ୍ଡା ଭକ୍ତଙ୍କ ଦାନରେ ପ୍ରଦତ୍ତ ଉତ୍ତରୀୟ ସମସ୍ତ ଶ୍ରଦ୍ଧାଳୁଙ୍କୁ ପ୍ରଦାନ କରାଯାଇଥିଲା। ପ୍ରଥମେ ବାଟମଙ୍ଗଳାଙ୍କୁ କପିଳେଶ୍ୱର ମନ୍ଦିର ସମ୍ମୁଖ ସ୍ଥିତ ତାଙ୍କ ଆସ୍ଥାନରେ ଛଡ଼ାଯିବା ପରେ ସେଠାରୁ ମା ହିଙ୍ଗୁଳାଙ୍କୁ ବିଦାୟ ଦେବାକୁ ବିଦାୟୀଦଳ ତାଳଚେର ପ୍ରସ୍ଥାନ କରିଥିଲେ। ବାବାମଣି ଓ ସନ୍ତୋଷୀ ମା' ମନ୍ଦିର ପରିଚାଳନା କମିଟି ପକ୍ଷରୁ ସମସ୍ତ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

SBI ଭାରତୀୟ ଷ୍ଟେଟ୍ ବ୍ୟାଙ୍କ
ଚାପଗ୍ରସ୍ତ ସମ୍ପତ୍ତି ଆଦାୟ ଶାଖା (SARB), ମଧୁପାଟଣା, କଟକ
ଡିମାଣ୍ଡ ନୋଟିସ୍

ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍ସିଆଲ୍ ଆସେଟ୍ସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଅନ୍ତର୍ଗତ ଧାରା ୧୩(୨) ଅନୁଯାୟୀ ଡିମାଣ୍ଡ ନୋଟିସ୍

ଏତଦ୍ଦ୍ୱାରା ଋଣଗ୍ରହୀତା: **ଶ୍ରୀ ମନୋରଞ୍ଜନ ମହାପାତ୍ରଙ୍କୁ** ଏହି ନୋଟିସ୍ ମାଧ୍ୟମରେ ଜଣାଇ ଦିଆଯାଉଛି କି ସେ ବ୍ୟାଙ୍କରୁ ନେଇଥିବା ଋଣର ବକେୟା ମୂଳ ଏବଂ ସୁଧ ପରିଶୋଧ କରିବାରେ ବିଫଳ ହୋଇଥିବାରୁ ତାଙ୍କର ଋଣକୁ ଅଣ କାର୍ଯ୍ୟକାରୀ ସମ୍ପତ୍ତି (ଏନ୍‌ପିଏ) ଶ୍ରେଣୀଭୁକ୍ତ କରାଯାଇଛି। ସିକ୍ୟୁରିଟାଇଜେସନ ଆଣ୍ଡ ରିକନ୍ଷ୍ଟ୍ରକସନ୍ ଅଫ୍ ଫାଇନାନ୍ସିଆଲ ଆସେଟ୍ସ ଆଣ୍ଡ ଏନଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ର ଧାରା ୧୩(୨) ଅନୁଯାୟୀ ନିମ୍ନଲିଖିତ ଋଣଗ୍ରହୀତାଙ୍କୁ ତାଙ୍କର ଶେଷ ଜ୍ଞାତ ଠିକଣାରେ ରେଜେଷ୍ଟ୍ରି ଡାକ ସହିତ ଏ/ଡି ଯୋଗେ ନୋଟିସ୍ ଜାରି କରାଯାଇଥିଲା ଯାହାକି ପ୍ରଦାନ କରାଯାଇନପାରି ଫେରସ୍ତ ଆସିଅଛି, ତେଣୁ ଏହି କାରଣରୁ ଉକ୍ତ ବିଷୟରେ ଏହି ସର୍ବସାଧାରଣ ନୋଟିସ୍ ମାଧ୍ୟମରେ ଋଣଗ୍ରହୀତାଙ୍କୁ ଅବଗତ କରାଗଲା।

| ଆଠଗଡ଼ ଶାଖା / ଋଣଗ୍ରହୀତାଙ୍କ ନାମ ଏବଂ ଠିକଣା / ଆକାଉଣ୍ଟ ନଂ. | ସମ୍ପତ୍ତିର ବିବରଣୀ / କାର୍ଯ୍ୟାନୁଷ୍ଠାନ ନିଆଯିବାକୁଥିବା ସୁରକ୍ଷିତ ସମ୍ପତ୍ତିର ଠିକଣା | ଡିମାଣ୍ଡ ନୋଟିସ୍ ତାରିଖ | ଏନ୍‌ପିଏ ତାରିଖ | ବକେୟା ଦେୟ |
|---|---|---|---|---|
| ଋଣଗ୍ରହୀତା: ଶ୍ରୀ ମନୋରଞ୍ଜନ ମହାପାତ୍ର, ପିତା: ନିତ୍ୟାନନ୍ଦ ମହାପାତ୍ର, ସା: ବଡ଼ଭୁଇଁଦଳ, ପୋ: ବଡ଼ଭୁଇଁ, ଥାନା: ଆଠଗଡ଼, ଜିଲ୍ଲା: କଟକ / ଆକାଉଣ୍ଟ ନଂ.: ୩୨୧୨୨୯୨୯୭୦୮ ଏବଂ ୩୨୮୩୮୭୦୦୪୫୭ | ଶ୍ରୀ ମନୋରଞ୍ଜନ ମହାପାତ୍ରଙ୍କ ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ବଡ଼ଭୁଇଁଦଳ, ଥାନା/ତହସିଲ: ଆଠଗଡ଼, ଜିଲ୍ଲା: କଟକ, ଖାତା ନଂ.: ୨୯୦/୩୪୫, ପ୍ଲଟ୍ ନଂ.: ୧୮୩୩, କ୍ଷେତ୍ର: ଏକର୦.୨୭ଡିସିମିଲି, ଏହାର ଚାରିପାର୍ଶ୍ୱରେ- ପୂର୍ବ: ଦିଗମ୍ବର ଦାସ, ପଶ୍ଚିମ: ରାହାସ ନରେନ୍ଦ୍ର, ଉତ୍ତର: ରାହାସ ନରେନ୍ଦ୍ର, ଦକ୍ଷିଣ: ରାସ୍ତା | ୦୧.୦୩.୨୦୧୯ | ୩୦.୦୪.୨୦୧୪ | ୧୬.୧୦.୨୦୧୮ ସୁଦ୍ଧା ଟ.୩୪,୭୧,୫୫୧.୫୭ |

ନୋଟିସ୍‌ର ବିକଳ୍ପ ସେବା ଭାବେ ପଦକ୍ଷେପମାନ ଗ୍ରହଣ କରାଯାଉଛି। ଉପରୋକ୍ତ ଋଣଗ୍ରହୀତାଙ୍କୁ ଜଣାଇଦିଆଯାଉଛି କି ସେ ଏହି ନୋଟିସ୍ ପ୍ରକାଶନର **୬୦ ଦିନ** ମଧ୍ୟରେ ତାଙ୍କର ସମସ୍ତ ବକେୟା ଦେୟ ପରିଶୋଧ କରନ୍ତୁ ଅନ୍ୟଥା ସିକ୍ୟୁରିଟାଇଜେସନ ଆଣ୍ଡ ରିକନ୍ଷ୍ଟ୍ରକସନ୍ ଅଫ୍ ଫାଇନାନ୍ସିଆଲ ଆସେଟ୍ସ ଆଣ୍ଡ ଏନଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଅନ୍ତର୍ଗତ ଧାରା ୧୩ର ଉପଧାରା (୪) ଅନୁସାରେ ଉକ୍ତ ନୋଟିସ୍‌ର **୬୦ ଦିନ** ଅତିକ୍ରାନ୍ତ ପରେ ବ୍ୟାଙ୍କ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବାଧ୍ୟ ହେବ। ଏତଦ୍ଦ୍ୱାରା ଋଣଗ୍ରହୀତାଙ୍କୁ ଜଣାଇଦିଆଯାଉଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା ୧୩ ଅନୁଯାୟୀ ବ୍ୟାଙ୍କର ଲିଖିତ ଅନୁମତି ବିନା ଏହି ନୋଟିସ୍‌ରେ ଦର୍ଶିତ ବନ୍ଧକ ସମ୍ପତ୍ତିକୁ ବିକ୍ରି, ଲିଜ୍ କିମ୍ବା ଅନ୍ୟମାଧ୍ୟମ ଦ୍ୱାରା ସେ ହସ୍ତାନ୍ତରିତ କରିପାରିବେ ନାହିଁ। ଏହି ନୋଟିସ୍‌ଟି ବ୍ୟାଙ୍କ ଦ୍ୱାରା କୌଣସି ଆଇନଗତ କାର୍ଯ୍ୟାନୁଷ୍ଠାନ ଯାହା ଆଇନ ଅନୁସାରେ ପ୍ରଯୁଜ୍ୟ ବୋଲି ମନେହେବ ତାହା ଆରମ୍ଭ କରିବାର ଅଧିକାରକୁ କୌଣସି ପ୍ରକାର ପ୍ରତିହତ କରିବ ନାହିଁ। ଏତଦ୍ଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮)ର ବ୍ୟବସ୍ଥା ଅନୁଯାୟୀ ସେମାନଙ୍କର ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକ ମୁକ୍ତ କରନ୍ତୁ।

ତାରିଖ : ୧୩.୦୩.୨୦୧୯, ସ୍ଥାନ : କଟକ — କ୍ଷମତାପ୍ରାପ୍ତ ଅଧିକାରୀ, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. ORIORI/2005/14846 Postal Regd. No. BN/42/18-20. Edition Phone (06762) 224254, (06764) 237556 ଢେଙ୍କାନାଳ, ଗୁରୁବାର, ୧୪ ମାର୍ଚ୍ଚ /୨୦୧୯ Dhenkanal, Thursday March 14 / 2019

## ସଂକ୍ଷେପରେ

### ଏନ୍‌ଟିପିସିରେ ଠିକା ଶ୍ରମିକ ମୃତ

**କଣିହାଁ, ୧୩।୩(ଡି.ଏନ.ଏ.):** ଅନୁଗୋଳ ଜିଲା କଣିହାଁ ବ୍ଲକସ୍ଥିତ ଏନ୍‌ଟିପିସି ବିଦ୍ୟୁତ୍ ପ୍ରକଳ୍ପରେ ବୁଧବାର ଦୁର୍ଘଟଣା ଘଟି ଜଣେ ଠିକା ଶ୍ରମିକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଛେଣ୍ଡିପଦା ଥାନା ଗୋଲାବନ୍ଧ ଗ୍ରାମର ଅକ୍ଷୟ ମିଶ୍ର। କୋଲ ହ୍ୟାଣ୍ଡଲ ପ୍ରକଳ୍ପ ଟିପି-୩ରେ ଏହି ଦୁର୍ଘଟଣା ଘଟିଥିବା ଏନ୍‌ଟିପିସି ଥାନା ସୂତ୍ରରୁ ଜଣାପଡ଼ିଛି। ଅକ୍ଷୟ ଏକ ବ୍ୟାଟେରିଚାଳିତ ଗାଡ଼ି ଚଲାଉଥିଲେ। ଏହି ସମୟରେ ଗାଡ଼ି ଦୁର୍ଘଟଣାଗ୍ରସ୍ତ ହୋଇ ତାଙ୍କ ଉପରେ ଓଲଟି ପଡ଼ିଥିଲା। ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା। ପ୍ରକଳ୍ପ ଭିତରେ ସୁରକ୍ଷା ବ୍ୟବସ୍ଥା ଢିଲା ଓ ସରଞ୍ଜାମ ପ୍ରଦାନରେ ଅବହେଳା ଯୋଗୁ ଶ୍ରମିକଙ୍କ ମୃତ୍ୟୁ ଘଟିଥିବା ଶ୍ରମିକ ସଙ୍ଗଠନଗୁଡ଼ିକ ପକ୍ଷରୁ ଅଭିଯୋଗ ହୋଇଛି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଏ ସମ୍ପର୍କରେ ଏନ୍‌ଟିପିସି ସିଆଇଏସ୍‌ଏଫ୍‌ର ଦାୟିତ୍ୱବୋଧ କର୍ମଚାରୀଙ୍କୁ ଯୋଗାଯୋଗ ସତ୍ତ୍ୱେ ମତାମତ ମିଳିପାରିନାହିଁ।

### ଦେବୀପୀଠରେ ବଳିକୁ ନାପସନ୍ଦ

**ଛେଣ୍ଡିପଦା, ୧୩।୩(ସ୍ୱ.ପ୍ର.):** ଛେଣ୍ଡିପଦା ବ୍ଲକ ବାଲିପଟା ପଞ୍ଚାୟତ ପଳାସବଣିଆର ଗ୍ରାମେଶ୍ୱରୀ ଦେବୀପୀଠରେ ବାର୍ଷିକ ପୂଜା ଅବସରରେ ପଶୁବଳି ଦିଆଯିବାକୁ ନେଇ ବୁଦ୍ଧିଜୀବୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ପୀଠଗୁଡ଼ିକରେ ବଳି ପ୍ରଥା ଉପରେ ପ୍ରତିବନ୍ଧକ ସତ୍ତ୍ୱେ ଏଠାରେ ବଳି ଦିଆଯିବା ଓ ପରେ ମୁଣ୍ଡ ନ ଥିବା ଏକ ଛେଳିକୁ ଛେଣ୍ଡିପଦାରୁ ଜରପଡ଼ା ଯାଇଥିବା ରାଜପଥରେ କୁନି ପିଲାମାନେ ବୋହିବାକୁ ସେମାନେ ନିନ୍ଦା କରିଛନ୍ତି। ଏପରି କାର୍ଯ୍ୟରେ ସମ୍ପୃକ୍ତ ଥିବା ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ସହ ଲୋକଙ୍କୁ ସଚେତନ କରିବାକୁ ପ୍ରଶାସନ ପକ୍ଷରୁ ପଦକ୍ଷେପ ନିଆଯିବାକୁ ଦାବି ହୋଇଛି।

### ୬୦ ଲିଟର ମଦ, ଗାଡ଼ି ଜବତ

**ତାଳଚେର, ୧୩।୩(ନି.ପ୍ର.):** ତାଳଚେର ଅବକାରୀ ବିଭାଗ ଏଫ୍‌ସିଆଇ ଛକରେ ବାଇକ୍ ସହ ୬୦ ଲିଟର ଦେଶୀ ମଦ ଜବତ କରିଛି। ଏପରି ବେଆଇନ କାରବାରରେ ସମ୍ପୃକ୍ତି ଅଭିଯୋଗରେ କନ୍ଧବେରେଣୀ ଗ୍ରାମର ପ୍ରତାପ କୁମାର ସାହୁଙ୍କୁ ଗିରଫ କରାଯାଇଛି। ପ୍ରତାପ ବାଇକ୍ (ଓଡି-୦୬-୦୧୫୯)ରେ ମଦ ନେଇ ଯାଉଥିଲେ। ଏହି ସମୟରେ ଏଫ୍‌ସିଆଇ ଛକରେ ଅବକାରୀ ଉପନିରୀକ୍ଷକ ହରିହର ସିଂଙ୍କ ନେତୃତ୍ୱରେ ଛକି ରହିଥିବା ବଳବୀର ଗଡ଼ନାୟକ ଓ ଅନ୍ୟମାନେ ତାଙ୍କୁ ଗିରଫ କରିଥିଲେ। ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି।

### ହିଙ୍ଗୁଳା ମନ୍ଦିର ପାଇଁ ଅର୍ଥଦାନ



**ତାଳଚେର, ୧୩।୩(ନି.ପ୍ର.):** ତାଳଚେର ଗୋପାଳପ୍ରସାଦସ୍ଥିତ ମା' ହିଙ୍ଗୁଳାଙ୍କ ପରିକଳ୍ପିତ ମନ୍ଦିର ନିର୍ମାଣ ନିମନ୍ତେ ବଅଁରପାଳ ବ୍ଲକ ନୂଆହତା ଗ୍ରାମର ସାବିତ୍ରୀ ସାହୁ ୫୧ ହଜାର ଟଙ୍କା ଦାନ କରିଛନ୍ତି। ସେ ମନ୍ଦିରରେ ପହଞ୍ଚି କାର୍ଯ୍ୟାଳୟ କର୍ମଚାରୀ ବିନୟ କୁମାର ମହାନ୍ତି, ପଞ୍ଚାନନ ବେହେରା ଓ ବୁଦ୍ଧେଶ୍ୱର ଦ୍ୱିବେଦୀ ପ୍ରମୁଖଙ୍କ ଉପସ୍ଥିତିରେ ଟଙ୍କା ଦାନ କରିଥିଲେ। ନୂତନ ମନ୍ଦିର ନିର୍ମାଣରେ ଲାଗି ଶ୍ରଦ୍ଧାଳୁମାନେ ଅକୁଣ୍ଠ ଚିତ୍ତରେ ଦାନ କରିବାକୁ ନିବେଦନ କରାଯାଇଛି।

### ଚୋରା କୋଇଲା ଟ୍ରକ୍ ଜବତ

**ତାଳଚେର, ୧୩।୩(ନି.ପ୍ର.):** କଲିଆରୀ ପୋଲିସ ମଙ୍ଗଳବାର ରାତିରେ ଡେରା ବିଶାଳ ଛକରୁ ଏକ ଚୋରା କୋଇଲା ବୋଝେଇ ଟ୍ରକ୍ (ନଂ.ଓଆର୍ ୦୬-ଏଫ-୬୩୩୦) ଜବତ କରିଛି। ଡ୍ରାଇଭର ରଞ୍ଜନ ସାହୁଙ୍କୁ ଗିରଫ ପରେ କୋର୍ଟଚାଲାଣ କରାଯାଇଛି। ଜବତ କୋଇଲାର ପରିମାଣ ପ୍ରାୟ ୨୦ ଟନ୍ ହେବ ବୋଲି ପୋଲିସ କହିଛି। ଏ ନେଇ ନଂ. ୮୧/୧୯ରେ ମାମଲା ରୁଜୁ କରାଯାଇଛି।

■ସାଧାରଣ ନିର୍ବାଚନ ପ୍ରସ୍ତୁତି

# ଜିଲାରେ ୧୭ ହଜାର ଦିବ୍ୟାଙ୍ଗ ଭୋଟର

**ଢେଙ୍କାନାଳ ଅଫିସ, ୧୩।୩**

ସାଧାରଣ ନିର୍ବାଚନକୁ ସ୍ୱଚ୍ଛ ଏବଂ ଅବାଧ କରିବାକୁ ଢେଙ୍କାନାଳ ଜିଲା ପ୍ରଶାସନ ପକ୍ଷରୁ ଜୋରସୋର୍‌ରେ ପ୍ରସ୍ତୁତି ଚାଲିଛି। ସମ୍ବେଦନଶୀଳ ଭାବେ ଚିହ୍ନଟ ହୋଇଥିବା ମତଦାନ କେନ୍ଦ୍ର ଉପରେ ସର୍ବାଧିକ ଗୁରୁତ୍ୱ ଦିଆଯାଉଛି। ସେହିପରି ଜିଲାରେ ୧୭ ହଜାର ଦିବ୍ୟାଙ୍ଗ ଭୋଟର କିପରି ମତଦାନ କେନ୍ଦ୍ରରେ ସୁରକ୍ଷିତ ଭାବେ ପହଞ୍ଚିବେ ସେ ନେଇ ଯୋଜନା କରାଯାଇଛି। ଜିଲା ଗ୍ରାମ୍ୟ ଉନ୍ନୟନ ସମ୍ମିଳନୀ କକ୍ଷରେ ବୁଧବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଜିଲାପାଳ ନିଖିଲ ପଓ୍ୱନ କଲ୍ୟାଣ ଯୋଗଦେଇ ଜିଲାର ନିର୍ବାଚନ ପ୍ରସ୍ତୁତି ସମ୍ପର୍କରେ ସବିଶେଷ ତଥ୍ୟ ଦେଇଛନ୍ତି। ଏଥିସହ ନିର୍ବାଚନ ପରିଚାଳନାରେ ପ୍ରଶାସନକୁ ସହଯୋଗ କରିବାକୁ ସେ ଗଣମାଧ୍ୟମ ପ୍ରତିନିଧିଙ୍କୁ ନିବେଦନ କରିଛନ୍ତି।

ଜିଲାରେ ୧୧୦ ସମ୍ବେଦନଶୀଳ ବୁଥ୍ ଚିହ୍ନଟ କରାଯାଇଛି। ସମ୍ପୃକ୍ତ ବୁଥ୍‌ଗୁଡ଼ିକ ସିସିଟିଭି ସ୍କାନରରେ ରହିବ। ସେଠାରେ ଅତ୍ୟାଧୁନିକ ଭିଡିଓଗ୍ରାଫି ବ୍ୟବସ୍ଥା ସହିତ ଅଧିକ ସୁରକ୍ଷା କର୍ମୀ ମୁତୟନ ହେବେ। ଭୋଟଗ୍ରହଣ କେନ୍ଦ୍ରକୁ ମୋବାଇଲ ଫୋନ୍ କିମ୍ବା ଅନ୍ୟ ବୈଦ୍ୟୁତିକ ସରଞ୍ଜାମ ପ୍ରବେଶ ଉପରେ କଟକଣା ଜାରି କରାଯାଇଛି। ଗଣମାଧ୍ୟମକୁ ସମୟାନୁକ୍ରମେ ଆଇନଶୃଙ୍ଖଳା ପରିସ୍ଥିତି ସମ୍ପର୍କରେ ଏସ୍‌ପି ଅବଗତ କରାଇବେ।



ସାଧାରଣ ନିର୍ବାଚନକୁ ନେଇ ଖବରଦାତା ସମ୍ମିଳନୀ।

■ସିସିଟିଭି ସ୍କାନରରେ ରହିବ ସମ୍ବେଦନଶୀଳ ବୁଥ୍

■ମତଦାନ କେନ୍ଦ୍ରକୁ ବୈଦ୍ୟୁତିକ ସରଞ୍ଜାମ ବାରଣ

■ଗଣମାଧ୍ୟମର ସହଯୋଗ ଲୋଡ଼ିଲେ ଜିଲାପାଳ

ନାମାଙ୍କନ ତାଲିକା ଦାଖଲବେଳେ ନିର୍ବାଚନ ଅଧିକାରୀଙ୍କ କକ୍ଷକୁ ପ୍ରାର୍ଥୀଙ୍କ ସମେତ ତାଙ୍କର ୪ଜଣ ପ୍ରସ୍ତାବକ ଏବଂ ଏଜେଣ୍ଟ ପ୍ରବେଶ କରିପାରିବେ। କ୍ୟାମ୍ପସ ଭିତରକୁ ୩ ଗାଡ଼ି ପ୍ରବେଶ ଲାଗି ଅନୁମତି ଦିଆଯିବ। ଅନ୍ୟ ଯାନବାହନ ନିର୍ବାଚନ ଅଧିକାରୀଙ୍କ କକ୍ଷଠାରୁ ୧୦୦ ମିଟର ଦୂରରେ ରହିବ। କୌଣସି ଭୋଟର ଯେପରି ମତଦାନରୁ ବଞ୍ଚିତ ନ ହୁଅନ୍ତି ସେ ଦିଗରେ ସମସ୍ତ ପ୍ରୟାସ କରାଯିବ। ଜିଲାରେ ୧୭ ହଜାର ଦିବ୍ୟାଙ୍ଗ ଭୋଟର ଅଛନ୍ତି। ସେମାନଙ୍କୁ ମତଦାନ କେନ୍ଦ୍ରରେ ପହଞ୍ଚାଇବାକୁ ଯାନବାହନ ବ୍ୟବସ୍ଥା କରାଯିବ। ମତଦାନ କେନ୍ଦ୍ରରେ ନିୟୋଜିତ ଏନ୍‌ସିସି, ସ୍କାଉଟ୍ସ, ଗାଇଡ୍ସ ଛାତ୍ରୀଛାତ୍ରମାନେ ସେମାନଙ୍କୁ ସହଯୋଗ କରିବେ ବୋଲି ଜିଲାପାଳ ସୂଚନା ଦେଇଛନ୍ତି। ପ୍ରାର୍ଥୀମାନେ ନିର୍ବାଚନ କମିଶନରଙ୍କ ସମସ୍ତ ନିର୍ଦ୍ଦେଶାବଳୀକୁ ପାଳନ କରିବାକୁ ପ୍ରଶାସନ ପକ୍ଷରୁ ଆହ୍ୱାନ ଦିଆଯାଇଛି। ୨୦୧୯ ସାଧାରଣ ନିର୍ବାଚନ ଶାନ୍ତିଶୃଙ୍ଖଳାରେ ଶେଷ କରିବାକୁ ଜିଲାପାଳ ଦୃଢ଼ ଆଶା ପୋଷଣ କରିଛନ୍ତି।

ଖବରଦାତା ସମ୍ମିଳନୀରେ ଅତିରିକ୍ତ ଜିଲାପାଳ ପୂର୍ଣ୍ଣଚନ୍ଦ୍ର ମିଶ୍ର, ପିଡି ଡିଆରଡିଏ ନରୋତ୍ତମ ବେହେରା, ଉପଜିଲାପାଳ ସାଫଲ୍ୟମଣ୍ଡିତ ପ୍ରଧାନ, ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ବସନ୍ତ କୁମାର ମାଝି, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ହେମନ୍ତ କୁମାର ନାୟକ, ନିର୍ବାଚନ କାର୍ଯ୍ୟାଳୟ ଅଧିକାରୀ ରଶ୍ମିରେଖା ସ୍ୱାଇଁ, ଭଜନାନନ୍ଦ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।



ସଭାରେ ଅଫିସର୍ସ ସଂଘର ସଦସ୍ୟମାନେ।

# ନାଲ୍‌କୋ ଅଫିସର୍ସ ଆସୋସିଏଶନର ସାଧାରଣ ସଭା

**ବଅଁରପାଳ, ୧୩।୩ (ଡି.ଏନ୍.ଏ.)**

ନାଲ୍‌କୋ ଅଫିସର୍ସ ସଂଘର ଏକ ସାଧାରଣ ସଭା ବୁଧବାର ଅନୁଷ୍ଠିତ ହୋଇଥିଲା। ସଭାପତି ପ୍ରସନ୍ନ କୁମାର ମଲ୍ଲିକ ଏଥିରେ ସଭାପତିତ୍ୱ କରିଥିଲେ। ପ୍ରାରମ୍ଭରେ ଉପସଭାପତି ବନମାଳୀ ସେଠୀ ସ୍ୱାଗତ ଭାଷଣ ଦେଇଥିଲେ। ସାଧାରଣ ସମ୍ପାଦକ ନଳିନୀକାନ୍ତ ପଣ୍ଡା ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ନାଲକୋରୁ ଆଲୁମିନା କ୍ରୟ କରିବା ପାଇଁ ବେଦାନ୍ତ ପୂର୍ବରୁ ବାରମ୍ବାର ପ୍ରୟାସ କରିଥିଲେ ମଧ୍ୟ କୋଅର୍ଡିନେଶନ୍ କମିଟି ବିରୋଧ କରିବା ଫଳରେ ଆଲୁମିନା ବିକ୍ରି ବନ୍ଦ ହୋଇଥିଲା। ବର୍ତ୍ତମାନ ବେଦାନ୍ତ ନାଲ୍‌କୋରୁ ରପ୍ତାନୀ ହେଉଥିବା ପ୍ରାୟ ୧୨ ଲକ୍ଷ ଟନ୍ ଆଲୁମିନା ହାତେଇବା ପାଇଁ ହାଇକୋର୍ଟର ଆଶ୍ରୟ ନେଇଛି। ବେଦାନ୍ତର ଏପରି ଚକ୍ରାନ୍ତକୁ ତୀବ୍ର ବିରୋଧ କରାଯିବ ବୋଲି ସଂଘ କର୍ମକର୍ତ୍ତାମାନେ ସଭାରେ ଚେତାବନୀ ଦେଇଥିଲେ। ଏହି ମାମଲାରେ ନାଲ୍‌କୋ ଅଫିସର୍ସ ସଂଘ ପକ୍ଷଭୁକ୍ତ ହେବା ପାଇଁ ଆବେଦନ କରିଛି। ସେହିପରି ୨୦୧୭ର ଅଫିସର୍ସମାନଙ୍କ ନୂତନ ଦରମା ନିର୍ଦ୍ଧାରଣ ପ୍ରକ୍ରିୟାର ଅସମ୍ପୂର୍ଣ୍ଣ ଦିଗ ଉପରେ ସଭାରେ ଆଲୋଚନା ହୋଇଥିଲା। ନୂତନ ଦରମା ନିର୍ଦ୍ଧାରଣରେ ଥିବା ଅସଙ୍ଗତି, ଭତ୍ତା ଓ ଅନ୍ୟାନ୍ୟ ସୁବିଧା ସୁଯୋଗ ତୁରନ୍ତ ସମ୍ପୂର୍ଣ୍ଣ କରିବା ପାଇଁ ସଂଘ ପକ୍ଷରୁ ଦାବି କରାଯାଇଥିଲା। ଯୁଗ୍ମ ସମ୍ପାଦକ କିଶୋର କୁମାର ବେହେରା, ଗୌତମ ନାଏକ, ସହ ସମ୍ପାଦକ ଇସାନ କୁମାରଙ୍କ ସମେତ ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ। ଯୁଗ୍ମ ସମ୍ପାଦକ କିଶୋର କୁମାର ବେହେରା ଧନ୍ୟବାଦ ପ୍ରଦାନ କରିଥିଲେ।

# ଉତ୍କଳ ଆଜବେଷ୍ଟସ୍ ପକ୍ଷରୁ ଚକ୍ଷୁ ଚିକିତ୍ସା ଶିବିର



ଜଣେ ବ୍ୟକ୍ତିଙ୍କ ଚକ୍ଷୁ ପରୀକ୍ଷା କରାଯାଉଛି।

**ଢେଙ୍କାନାଳ ଅଫିସ, ୧୩।୩**

ଢେଙ୍କାନାଳ ସହରସ୍ଥିତ ଉତ୍କଳ ଆଜ୍‌ବେଷ୍ଟସ କମ୍ପାନୀ ପରିସରରେ ବୁଧବାରଠାରୁ ଆରମ୍ଭ ହୋଇଛି ଦୁଇଦିନିଆ ମାଗଣା ଚକ୍ଷୁ ଚିକିତ୍ସା ଶିବିର। ପ୍ରଥମ ଦିବସରେ ୧୪୦ଜଣ ରୋଗୀଙ୍କ ଚକ୍ଷୁ ପରୀକ୍ଷା କରାଯାଇ ଔଷଧ ପ୍ରଦାନ କରାଯାଇଛି।

କଟକସ୍ଥିତ ଅଗ୍ରୱାଲ ଚିକିତ୍ସାଳୟ ପକ୍ଷରୁ ଆୟୋଜିତ ଉକ୍ତ ଶିବିରକୁ କମ୍ପାନୀ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ କେ.ଏନ୍.ପି ସିହ୍ନା, ଜେନେରାଲ ମ୍ୟାନେଜର (ୱାର୍କସ) ରଘୁନାଥ ସିଂ ଉଦ୍‌ଘାଟନ କରିଥିଲେ। ଅଗ୍ରୱାଲ ଚିକିତ୍ସାଳୟର ଚକ୍ଷୁ ବିଶେଷଜ୍ଞ ରୋଗୀଙ୍କ ଆଖି ପରୀକ୍ଷା କରିଥିଲେ। ଏଥିରେ କମ୍ପାନୀର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

■ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ

# ଯୌତୁକଜନିତ ହତ୍ୟା ଅଭିଯୋଗ

**ଭୁବନ, ୧୩।୩(ଡି.ଏନ.ଏ)**

ଭୁବନ ଥାନା ମାଳପୁରା ଗ୍ରାମର ଜଣେ ମହିଳାଙ୍କ ମୃତଦେହ ବୁଧବାର ସନ୍ଦେହଜନକ ଅବସ୍ଥାରେ ଉଦ୍ଧାର କରାଯାଇଛି। ମୃତା ହେଲେ କେଦାରନାଥ ହାତୀଙ୍କ ସ୍ତ୍ରୀ ବନିତା (୨୫)। ଯୌତୁକ ପାଇଁ ଶାଶୁଘର ଲୋକେ ଝିଅକୁ ହତ୍ୟା କରିଥିବା ମୃତ ମହିଳାଙ୍କ ବାପା ବୀରବର ବିଶ୍ୱାଳ ଅଭିଯୋଗ କରିଛନ୍ତି। ଏ ନେଇ ଥାନାରେ ନଂ. ୫୮/୧୯, ଦଫା ୪୯୮(ଏ), ୩୦୪(ବି), ୩୦୨ ଓ ୩୪ରେ ମାମଲା ରୁଜୁ କରାଯାଇଛି।

ଅଭିଯୋଗ ଅନୁଯାୟୀ, କେଦାରନାଥ ଏବଂ ବନିତାଙ୍କ ଘର ମାଳପୁରା ଗ୍ରାମରେ। ୨୦୧୪ ମେ ୧୧ରେ ଉଭୟେ ବୈଦିକ ରୀତିରେ ବିବାହ କରିଥିଲେ। ବିବାହ ସମୟରେ ଯୌତୁକ ବାବଦକୁ ୧ ଲକ୍ଷ ୭୬ ହଜାର ଟଙ୍କା, ବାଇକ୍ ଏବଂ ସୁନା ଅଳଙ୍କାର ଦିଆଯାଇଥିଲା। କିଛିଦିନ ପରେ ୨ ଲକ୍ଷ ଟଙ୍କା ଯୌତୁକ ଦାବି କରି ତାଙ୍କ ଉପରେ ନିର୍ଯାତନା ଆରମ୍ଭ ହୋଇଥିଲା। ମଙ୍ଗଳବାର ବୀରବରଙ୍କ ସମେତ ପରିବାରର ଅନ୍ୟ ସଦସ୍ୟ ବନିତାଙ୍କ ଶାଶୁଘରେ ପହଞ୍ଚି ବୁଝାଶୁଝା କରି ଫେରିଥିଲେ। ହେଲେ ବୁଧବାର ଝିଅର ମୃତ୍ୟୁ ହୋଇଯାଇଥିବା ସୂଚନା ମିଳିଥିଲା। ଘଟଣାସ୍ଥଳରେ ପହଞ୍ଚିବାବେଳକୁ ଶାଶୁଘରେ କେହି ନ ଥିଲେ। ଏ ନେଇ ବୀରବର ତୁରନ୍ତ ସୁରପ୍ରତାପପୁର ଫାଣ୍ଡିକୁ ସୂଚନା ଦେଇଥିଲେ। ଥାନାଧିକାରୀ ନର୍ମଳା ଗୋଚ୍ଛାୟତ, ଏସ୍‌ଆଇ ପଙ୍କଜ ମାଝି, ଫାଣ୍ଡି ଅଧିକାରୀ ଦାମୋଦର ସାହୁ ସଦଳବଳ ପହଞ୍ଚି ମୃତଦେହ ଜବତ କରିଥିଲେ। ଅତିରିକ୍ତ ତହସିଲଦାର କଳ୍ପନା ତପସ୍ୱିନୀ ନାଏକଙ୍କ ଉପସ୍ଥିତିରେ ମୃତଦେହ ବ୍ୟବଚ୍ଛେଦ ଲାଗି ପଠାଯାଇଛି। ଅଭିଯୁକ୍ତମାନେ ଫେରାର ଅଛନ୍ତି। ପୋଲିସ ଘଟଣାର ତଦନ୍ତ କରୁଥିବା ଏସ୍‌ଆଇ ସୂଚନା ଦେଇଛନ୍ତି।

# ମହର୍ଷି ଦୟାନନ୍ଦ ସର୍ଭିସ୍ ମିଶନ ପୁରସ୍କୃତ

**ଢେଙ୍କାନାଳ ଅଫିସ, ୧୩।୩**

ଶିଶୁ ପରିଚର୍ଯ୍ୟା କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ଲାଗି ଢେଙ୍କାନାଳ ସଦର ବ୍ଲକ ଗୋବିନ୍ଦପୁରସ୍ଥିତ ମହର୍ଷି ଦୟାନନ୍ଦ ସର୍ଭିସ୍ ମିଶନ ସ୍ୱେଚ୍ଛାସେବୀ ସଂସ୍ଥା ଶ୍ରେଷ୍ଠ ସ୍ଥାନ ହାସଲ କରିଛି। ଅନ୍ତର୍ଜାତୀୟ ମହିଳା ଦିବସ ଉପଲକ୍ଷେ ରାଜ୍ୟସ୍ତରୀୟ ସମାବେଶରେ ଅନୁଷ୍ଠାନକୁ ଏଥିଲାଗି ପୁରସ୍କୃତ କରାଯାଇଛି। ସଂସ୍ଥାର ସମ୍ପାଦକ ପ୍ରଦୀପ କୁମାର ସାହୁ ପୁରସ୍କାର ବାବଦକୁ ୨୫ହଜାର ଟଙ୍କା, ସିଲ୍ଡ ଓ ମାନପତ୍ର ଗ୍ରହଣ କରିଥିଲେ। ଏଥିଲାଗି ସେ ଜିଲା ପ୍ରଶାସନ, ଜିଲା ଶିଶୁ ମଙ୍ଗଳ କମିଟି, ଜିଲା ଶିଶୁ ସୁରକ୍ଷା ଅଧିକାରୀଙ୍କୁ କୃତଜ୍ଞତା ଜଣାଇଛନ୍ତି।





■ଶିକ୍ଷା କାର୍ଯ୍ୟକ୍ରମ ସମୀକ୍ଷା

# ଜିଲାକୁ ଶ୍ରେଷ୍ଠ କରିବାକୁ ଆହ୍ୱାନ



ବୈଠକରେ ପ୍ରଶାସନିକ ଅଧିକାରୀମାନେ।

**ଢେଙ୍କାନାଳ ଅଫିସ, ୧୩।୩**

ଗୁଣାତ୍ମକ ଶିକ୍ଷାର ଅଭିବୃଦ୍ଧି ଲାଗି ଗଣଶିକ୍ଷା ବିଭାଗ ପକ୍ଷରୁ ଆରମ୍ଭ ହୋଇଛି ଶିକ୍ଷାଭିତ୍ତିକ କାର୍ଯ୍ୟକ୍ରମ 'ସାଥ୍'। ପ୍ରତି ଜିଲାର ଜିଲାପାଳଙ୍କ ଦ୍ୱାରା ଏହାର ମାସିକ ସମୀକ୍ଷା କରାଯାଉଛି। ଏହି ପରିପ୍ରେକ୍ଷୀରେ ବୁଧବାର ଜିଲାପାଳ ନିଖିଲ ପଓ୍ୱନ କଲ୍ୟାଣଙ୍କ ଅଧ୍ୟକ୍ଷତାରେ ଜିଲା ପ୍ରକଳ୍ପ କାର୍ଯ୍ୟାଳୟ ପରିସରରେ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି।

୨୦୧୮ ଡିସେମ୍ବର, ୨୦୧୯ ଜାନୁୟାରୀ ଓ ଫେବୃୟାରୀରେ ହୋଇଥିବା 'ସାଥ୍' କାର୍ଯ୍ୟକ୍ରମରେ ସମଗ୍ର ରାଜ୍ୟରେ ଢେଙ୍କାନାଳ ଜିଲା ଯଥାକ୍ରମେ ଦ୍ୱିତୀୟ ଏବଂ ତୃତୀୟ ସ୍ଥାନ ହାସଲ କରିଥିଲା। ଆଗାମୀ ଦିନରେ ଜିଲାକୁ ଶ୍ରେଷ୍ଠ କରିବାକୁ ଜିଲାପାଳ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ଏଥିସହ ସାଧାରଣ ନିର୍ବାଚନ ପାଇଁ ଲାଗୁ ହୋଇଥିବା ଆଦର୍ଶ ଆଚରଣବିଧି କଡ଼ାକଡ଼ି ଭାବେ ପାଳନ କରିବାକୁ ସେ ଗୁରୁତ୍ୱ ଦେଇଥିଲେ। ଜିଲା ଶିକ୍ଷାଧିକାରୀଙ୍କ ଦ୍ୱାରା ଦୈନିକ ମଧ୍ୟାହ୍ନ ଭୋଜନ କାର୍ଯ୍ୟକ୍ରମର ଅଗ୍ରଗତି ସମ୍ପର୍କରେ ହ୍ୱାଟ୍‌ସ ଆପ୍ ଏବଂ ଇମେଲ୍ ମାଧ୍ୟମରେ ଅବଗତ କରାଯାଉଛି। ଜିଲାପାଳ ଏହାକୁ ତଦାରଖ କରୁଥିବା ସୂଚନା ଦିଆଯାଇଥିଲା। ଏହି ଅବସରରେ ଉଜ୍ଜ୍ୱଳ, ଉତ୍‌ଥାନ, ଶିକ୍ଷକ ପ୍ରଶିକ୍ଷଣ, ବାର୍ଷିକ ପରୀକ୍ଷା, ବିଦ୍ୟାଳୟ ମିଶ୍ରଣ, ପୋଷାକ ବିତରଣ, ଅନୁଦାନ ଖର୍ଚ୍ଚ ଆଦି ବିଷୟରେ ବିସ୍ତୃତ ଆଲୋଚନା କରାଯାଇଛି।

ଜିଲା ଶିକ୍ଷାଧିକାରୀ ସୁଧାନନ୍ଦ ପରିଡ଼ା, ଡିଆଇଇଟି ଅଧ୍ୟକ୍ଷ ସଚ୍ଚିଦାନନ୍ଦ ମିଶ୍ରଙ୍କ ସମେତ ସମସ୍ତ ବିଇଓ, ଏବିଇଓ, ସର୍ବଶିକ୍ଷା ଅଭିଯାନ ଓ ସାଥ୍ କାର୍ଯ୍ୟକ୍ରମର ଅଧିକାରୀମାନେ ଉପସ୍ଥିତ ଥିଲେ।

Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Published at Kunjakanta, Dhenkanal, Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ